# ସତ୍ୟବାକ୍ୟ

# THE WORD OF TRUTH

**MARCH & APRIL 2015**

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By

Joshua & Kabita Gootam

## CHURCH OF CHRIST

P.O.Box.No. 80, Kakinaeda

A.P. – 533 001.

Ph : 0884 – 2363722

**Vol.20.March-April – 2015.No.-2**

Published every two months in Oriyal Language for the Restoration of pure New Testament Christianity

# The Second Coming of Jesus

**Andy Jooste**

**Introduction : Titus 2:11-15**

A. Jesus will return – John 14:3

B. Not to deal with sin but for salvation – Hebrews 9:28

C. "Let the Bible speak" concerning rewards and punishment

**I. Event at the Second Coming**

A. One resurrection of all: Daniel 12:2 – those who now sleep, John 5:28,29 – all in the graves, Revelation 1:7 – every eye will see Him

B. Delivering up Kingdom: Matthew 25:31-34 – end of this age, 1 Corinthians 15:24 – the end, 1 Thessalonians 4:13-17 – with Christ

C. Separation of groups: Matthew 13:30; 2 Thessalonians 1:7-10. No second chance for conversion

**II. Destiny of the unsaved**

A. At the end of this age: Matthew 13:40-42

B. "Gehenna" – Hinnom: Mark 9:43-48

C. Eternal punishment: Matthew 25:41-46

**III. Destiny of the saved**

A. Eternal reward: Matthew 25:31-34

B. Heaven: 1 Peter 1:5

C. With God, our hope: 1 John 3:1-3

Conclusion: 2 Peter 1:10,11. Make your calling and election sure

# ସତ୍ୟବାଣୀ
# VOICE OF TRUTH

VOL - XX   KAKINADA   MAR-APR-2015

## ଉପାସନା ପଦ୍ଧତି
### (The Pattern of Worship)

ଆଜି ଖ୍ରୀଷ୍ଟମୟ ସମାଜରେ ଅନେକ ପଦ୍ଧତିର ଉପାସନା ଦେଖିବାକୁ ପାଇପାରୁ । କ୍ୟାଥଲିକ୍‌ମାନଙ୍କ ପଦ୍ଧତି ଠାରୁ ପ୍ରୋଟେଷ୍ଟାଣ୍ଟମାନଙ୍କ ପଦ୍ଧତି ଭିନ୍ନ । ପ୍ରୋଟେଷ୍ଟାଣ୍ଟ୍ ମଣ୍ଡଳୀଗୁଡ଼ି ..ରେ ଅନେକ ପ୍ରକାର ପଦ୍ଧତି ଚାଲିଆସୁଛି । ଏଥିମଧ୍ୟରୁ କେଉଁ ପଦ୍ଧତି ପ୍ରକୃତ ପଦ୍ଧତି ?

ଏଫିସୀ ୪:୪ ଓ ମାଥିଉ ୧୬:୧୮ ପଦାନୁଯାୟୀ ଏକମାତ୍ର ମଣ୍ଡଳୀ ଅଛି ଏବଂ ତାହା ଖ୍ରୀଷ୍ଟଙ୍କର ଅଟେ । ମଣ୍ଡଳୀର ଉପାସନା ପଦ୍ଧତି ମଧ୍ୟ ବାକ୍ୟରେ ଆମ୍ଭମାନଙ୍କୁ ସୁସ୍ପଷ୍ଟ କରାଯାଏ । ଏହି ପଦ୍ଧତି ଈଶ୍ୱରଙ୍କ ବାକ୍ୟାନୁଯାୟୀ ହୋଇଥିବାରୁ ଏହା ପ୍ରତ୍ୟେକ ମାନବ ପାଳନ କରିବା ଆବଶ୍ୟକ । ଏହି ପଦ୍ଧତି ବିଷୟରେ ଜାଣିବାକୁ ଆମ୍ଭମାନଙ୍କ ନୂତନ ନିୟମରେ ଆଦିମ ଖ୍ରୀଷ୍ଟିୟାନମାନଙ୍କ ଆଦର୍ଶ ଅନୁସନ୍ଧାନ କରିବା ଆବଶ୍ୟକ । ବାକ୍ୟ କହେ :-

ଶୟତାନ ଦ୍ୱାରା ପରୀକ୍ଷିତ ହେବା ସମୟରେ ପ୍ରଭୁ ଯୀଶୁଖ୍ରୀଷ୍ଟ ଶୟତାନକୁ କହିଲେ, ".... ହଟହ, ଶୟତାନ, କାରଣ ଲେଖାଅଛି, ତୁମ୍ଭେ ପ୍ରଭୁ ଆପଣା ଈଶ୍ୱରଙ୍କୁ ପ୍ରଣାମ କରିବ, ପୁଣି କେବଳ ତାହାଙ୍କର ଉପାସନା କରିବ ।" (ମାଥିଉ ୪:୧୦)

**ସପ୍ତାହର ପ୍ରଥମ ଦିନ ଉପାସନାର ଦିନ ଅଟେ :**

ଆଦିମ ଖ୍ରୀଷ୍ଟିୟାନମାନେ ପ୍ରଥମ ଦିନରେ ଏକତ୍ରିତ ହେବା ନିମନ୍ତେ ଆଜ୍ଞାପିତ ହୋଇଥିଲେ । ମୁଁ ଗଲେ ଯେପରି ଦାନ ସଂଗ୍ରହ କରିବାକୁ ପଡ଼ିବ ନାହିଁ ଏଥି ନିମନ୍ତେ

ସପ୍ତାହର ପ୍ରଥମ ଦିନରେ ତୁମ୍ଭେମାନେ ପ୍ରତ୍ୟେକ ଜଣ ଆପଣା ଆପଣା ସୁବିଧା ଅନୁସାରେ ନିଜ ନିଜ ନିକଟରେ କିଛି କିଛି ସଞ୍ଚୟ କରି ରଖ । (୧ମ କରିନ୍ଥୀ ୧୬:୨)।

ଖ୍ରୀଷ୍ଟିୟାନମାନେ ପରମେଶ୍ୱରଙ୍କ ଉପାସନା କରିବାକୁ ଆଜ୍ଞାପିତ ହୋଇଅଛନ୍ତି - ''ସେମାନେ ପ୍ରେରିତମାନଙ୍କ ଶିକ୍ଷାରେ ସହଭାଗିତାରେ ରୋଟୀ ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟଚିତ୍ତ ହୋଇ ରହିଲେ।'' (ପ୍ରେରିତ ୨:୪୨) ସପ୍ତାହର ପ୍ରଥମ ଦିନରେ ଯେତେବେଳେ ପାଉଲ ପରଦିନ ପ୍ରସ୍ଥାନ କରିବେ ବୋଲି ଉଦ୍ୟତ ହେଉଥିବାରୁ ସେମାନଙ୍କୁ ଉପଦେଶ ଦେବାକୁ ଲାଗିଲେ ଓ ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ଦୀର୍ଘ ବକ୍ତୃତା ଦେଲେ । (ପ୍ରେରିତ ୨୦:୭)

କିପରି ଉପାସନା କରିବା ବିଷୟରେ ଖ୍ରୀଷ୍ଟ କହନ୍ତି, ''କିନ୍ତୁ ଯେଉଁ ସମୟରେ ସତ୍ୟ ଉପାସକମାନେ ଆତ୍ମାରେ ଓ ସତ୍ୟରେ ପିତାଙ୍କର ଉପାସନା କରିବେ, ସେପରି ସମୟ ଆସୁଅଛି । ପୁଣି, ବର୍ତ୍ତମାନ ସୁଦ୍ଧା ଉପସ୍ଥିତ, କାରଣ ପିତା ଏହି ପ୍ରକାର ଉପାସକ ଚାହାନ୍ତି । ଈଶ୍ୱର ଆତ୍ମା, ପୁଣି ଯେଉଁମାନେ ତାହାଙ୍କର ଉପାସନା କରନ୍ତି, ଆତ୍ମାରେ ଓ ସତ୍ୟରେ ଉପାସନା ସେମାନଙ୍କର ଉଚିତ । (ଯୋହନ ୪:୨୩,୨୪)

ଉପାସନାର ପାଞ୍ଚଟି ଅଂଶ :- ବାକ୍ୟାଧ୍ୟାନ (୨ୟ ତୀମଥି ୨:୧୫) ପ୍ରାର୍ଥନା (ପ୍ରେରିତ ୨୨:୪୨) ଗୀତ ଗାୟନ (ଏଫିସୀ ୫:୧୯), ପ୍ରଭୁଭୋଜରେ ଭାଗୀ ହେବା (ମାଥିଉ ୨୬:୨୬-୨୮) ଏବଂ ଚାନ୍ଦା ଦେବା (୨ୟ କରନ୍ଥୀ ୯:୬,୭) ଏହି ପାଞ୍ଚ ଅଂଶ ବ୍ୟତୀତ ଅନ୍ୟାନ୍ୟ ବିଷୟରେ ବାକ୍ୟରେ କୁହାଯାଏ ନାହିଁ, ଅତଏବ ଉପାସନାର ଏହି ପାଞ୍ଚଟି ବିଷୟରେ ସୀମାବଦ୍ଧ ହେବା ଆବଶ୍ୟକ ।

ଉପାସନା ପରିତ୍ୟାଗ କରିବା ବିଷୟରେ ବାକ୍ୟ କହେ, ଆଉ କେହି କେହି ଯେପରି ଆମ୍ଭମାନଙ୍କ ମଣ୍ଡଳୀ ଉପାସନା ପରିତ୍ୟାଗ କରିଥାଆନ୍ତି, ଆମ୍ଭେମାନେ ସେପରି ନ କରୁ, ବରଂ ପରସ୍ପର ଉତ୍ସାହ ଦେଉ, ବିଶେଷତଃ ଯେତେବେଳେ ତୁମ୍ଭେମାନେ ପ୍ରଭୁଙ୍କ ଦିନ ନିକଟବର୍ତ୍ତୀ ହୋଇ ଆସୁଅଛି ବୋଲି ଦେଖୁଅଛ । (ଏବ୍ରୀ ୧୦:୨୫)

ନୂତନ ନିୟମ ଉପାସନାର ଭିତ୍ତିମୂଳ ପ୍ରଭୁଙ୍କ ବାକ୍ୟ ଅଟେ । ଈଶ୍ୱରଙ୍କ ବାକ୍ୟ ପ୍ରଚାରକ ପରି ପ୍ରତ୍ୟେକ ପ୍ରଚାର କରିବା ନିମନ୍ତେ ପିତର ଆପଣା ପତ୍ରରେ ବ୍ୟକ୍ତ

କରନ୍ତି । (୧ମ ପିତର ୪:୧୧) ତାହାଙ୍କ ବାକ୍ୟ ଅତିକ୍ରମ କରି କୌଣସି କାର୍ଯ୍ୟ କରାଯାଏ ନାହିଁ । ଅନ୍ୟାନ୍ୟ ଖ୍ରୀଷ୍ଟିୟ ଦଳରେ ପରିଚାଳିତ ହେଉଥିବା କେତୋଟି କାର୍ଯ୍ୟ ନୂତନ ନିୟମର ଖ୍ରୀଷ୍ଟଙ୍କ ମଣ୍ଡଳୀରେ ଦେଖିବାକୁ ମିଳେ ନାହିଁ । ସେଗୁଡ଼ିକ ହେଲାଃ

ଯାନ୍ତ୍ରିକ ସଂଗୀତରେ ବ୍ୟବହାର କରାଯାଏ ନାହିଁ । ଗୀତ ଓ ସଂଗୀତ ଦ୍ୱାରା ଈଶ୍ୱରଙ୍କ ନାମ ଗୌରବାନ୍ୱିତ କରିବା ନିମନ୍ତେ ଆମ୍ଭେମାନେ ଆଜ୍ଞାପିତ ହୋଇଅଛୁ । ପାଉଲ କହନ୍ତି ସ୍ତୋତ୍ର ଓ ଆଧ୍ୟାତ୍ମିକ ସଂଗୀର୍ତ୍ତନ ଦ୍ୱାରା ପରସ୍ପରକୁ ଉତ୍ସାହ ଦିଅ, ପୁଣି ତୁମ୍ଭେମାନଙ୍କ ହୃଦୟରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସଂକୀର୍ତ୍ତନ ଓ ଗୀତଗାନ କର । (ଏଫିସୀ ୫:୧୯)

ଦଶମାଂଶ ଅର୍ପଣ କରାଯାଏ ନାହିଁ । କାରଣ ଆମ୍ଭେମାନେ ଆପଣା ଆପଣା ଅଭିବୃଦ୍ଧିନୁଯାୟୀ ଦାନ ଦେବା ନିମନ୍ତେ ଆଜ୍ଞାପିତ ହୋଇଅଛୁ । (୧ମ କରନ୍ଥୀ ୧୬:୨)

ସପ୍ତାହର ପ୍ରଥମ ଦିନରେ ଦାନ ସଂଗ୍ରହ କରିବାକୁ ଆଜ୍ଞାପିତ ହୋଇଥିବାରୁ ସପ୍ତାହର ଅନ୍ୟ ଦିନମାନଙ୍କରେ ଦାନ ସଂଗ୍ରହ କରାଯାଏ ନାହିଁ ।

ପର୍ବପର୍ବାଣୀ ବିଷୟରେ ବାକ୍ୟ କହେ, "ତୁମ୍ଭେମାନେ ବିଶେଷ ବିଶେଷ ଦିନ, ମାସ ପର୍ବ ଓ ବର୍ଷ ପାଳନ କରିଥାଅ । ତୁମ୍ଭମାନଙ୍କ ନିମନ୍ତେ ମୁଁ ଯେଉଁ ପରିଶ୍ରମ କରିଅଛି କାଳେ ତାହା ବ୍ୟର୍ଥ ହୁଏ, ତୁମ୍ଭମାନଙ୍କ ସମ୍ବନ୍ଧରେ ମୋହର ଏହି ଭୟ ହେଉଅଛି (ଗାଲାତୀ ୪:୧୦,୧୧) ତେଣୁକରି ଖ୍ରୀଷ୍ଟଙ୍କ ମଣ୍ଡଳୀ କୌଣସି ପର୍ବପର୍ବାଣୀ ପାଳନ କରାଯାଏ ନାହିଁ ।

ପ୍ରେରିତ ୨୦:୭ ପଦନୁଯାୟୀ ଆଦିମ ଖ୍ରୀଷ୍ଟିୟାନମାନେ ପ୍ରତ୍ୟେକ ସପ୍ତାହର ପ୍ରଥମ ଦିନରେ ରୋଟୀ ଭାଙ୍ଗୁଥିଲେ । ସେମାନଙ୍କୁ ଅନୁସରଣ କରି ଏବେ ଖ୍ରୀଷ୍ଟିୟାନମାନେ କେବଳ ସପ୍ତାହର ପ୍ରଥମ ଦିନରେ ପ୍ରଭୁଭୋଜରେ ଭାଗୀ ହୁଅନ୍ତି ଅନ୍ୟ କୌଣସି ଦିନରେ ନୁହେଁ ।

ପ୍ରାଚୀନ ରୀତିନୀତି କିଅବା କୌଣସି ପ୍ରଥାରେ ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାନ ନାହିଁ । କାରଣ ବାକ୍ୟ କହେ, "ଯେଣୁ ତୁମ୍ଭେମାନେ ଜାଣ ଯେ ତୁମ୍ଭମାନଙ୍କ ଠାରୁ ପ୍ରାପ୍ତ ପରମ୍ପରାଗତ ନିରର୍ଥକ ଆଚାର ବ୍ୟବହାରରୁ ରୂପା କି ସୁନା ପରି କ୍ଷୟଣୀୟ ବସ୍ତୁ

ଦ୍ୱାରା ମୁକ୍ତ ନ ହୋଇ (୧ମ ପିତର ୧:୧୮) । ''ସାବଧାନ, କାଳେ କେହି ଖ୍ରୀଷ୍ଟଙ୍କ ଶିକ୍ଷାର ଅସଙ୍ଗତ ମନୁଷ୍ୟର ପରମ୍ପରାଗତ ଓ ଜଗତର ପ୍ରାଥମିକ ଶିକ୍ଷାନୁଯାୟୀ ଦର୍ଶନ ବିଦ୍ୟା ଓ ନିରର୍ଥକ ପ୍ରତାରଣା ଦ୍ୱାରା ତୁମ୍ଭମାନଙ୍କୁ ବନ୍ଦୀ କରିଦିଏ । (କଲତୀ ୨:୧)

ମାନବମାନଙ୍କ ସ୍ୱନୀତିଗୁଡ଼ିକ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ସ୍ଥାନ ପାଏ ନାହିଁ । " ''ତୁମ୍ଭେମାନେ ଯଦି ଖ୍ରୀଷ୍ଟଙ୍କ ସହିତ ଜଗତର ପ୍ରାଥମିକ ଶିକ୍ଷା ପ୍ରତି ମୃତ ହୋଇଅଛ, ତେବେ ମନୁଷ୍ୟର ବିଧି ଓ ଶିକ୍ଷାନୁସାରେ ଧର ନାହିଁ, ଖାଅ ନାହିଁ ବା ଛୁଅଁ ନାହିଁ । ସାଂସାରିକ ଲୋକ ପରି ଏହି ପ୍ରକାର ବିଧିବିଧାନରେ କାହିଁକି ବଶୀଭୂତ ହୋଇଅଛ ? (କଲସୀ ୨:୨୦-୨୨)

ପୁରାତନ ନିୟମର ନିୟମାବାଳୀ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ଅନୁସରଣ କରାଯାଏ ନାହିଁ । ବିଶ୍ରାମ ବାର, ଦଶମାଂଶ, ଯାନ୍ତ୍ରିକ ସଂଗୀତ ପ୍ରଭୃତି ବିଷୟ ବାକ୍ୟାଂଶ ପୁରାତନ ନିୟମରୁ ଯୋଗ କରି ମଣ୍ଡଳୀଗୁଡ଼ିକ ଭ୍ରାନ୍ତଭାବେ ଈଶ୍ୱରଙ୍କ ଆରାଧନା କରନ୍ତି କାରଣ ପୁରାତନ ନିୟମ ଖ୍ରୀଷ୍ଟଙ୍କ ମରଣରେ ଅନ୍ତ ହୋଇଅଛି । (୨ୟ କରିନ୍ଥୀ ୩, ଏବ୍ରୀ ୧୦:୯, ଯୋହନ ୧:୧୭) ।

ଅତଏବ, ଯୋଗ ବିଯୋଗ ବିନା କେବଳ ନୂତନ ନିୟମ ପାଳନ କରିବା ଆମ୍ଭମାନଙ୍କ କର୍ତ୍ତବ୍ୟ । (ପ୍ରକାଶିତ ୨୨:୧୮,୧୯ ଗାଲାତୀ ୧:୬୯) । ଏହା ପ୍ରତ୍ୟେକ କାର୍ଯ୍ୟ କରିବାକୁ ମନୁଷ୍ୟମାନଙ୍କୁ ନିର୍ଦ୍ଦେଶ କରେ । ଉତ୍ତମ ଓ ଧାର୍ମିକତା ଜୀବନ ନିମନ୍ତେ ଆବଶ୍ୟକୀୟ ନିୟମାବଳୀ ନୂତନ ନିୟମରେ ନିହିତ ହୋଇଅଛି । (୨ୟ ପିତା ୧:୩)

ନୂତନ ନିୟମରେ ଏହି ନିୟମାବଳୀ ପ୍ରତ୍ୟେକ ପାଳନ କଲେ ଆମ୍ଭେମାନେ ଏକତା ଲାଭ କରିପାରିବା । ପିତା ପରମେଶ୍ୱରଙ୍କୁ ମନୁଷ୍ୟମାନେ ବିଭିନ୍ନ ଉପାୟରେ ଉପାସନା କରିବା ଲୋଡ଼ନ୍ତି ନାହିଁ । ଆସ ଆମ୍ଭେମାନେ ନୂତନ ନିୟମର ନିୟମାବଳୀ ଅନୁସରଣ କରି ଆମ୍ଭମାନଙ୍କ ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା ଓ ରକ୍ଷାକର୍ତ୍ତା ପିତା ପରମେଶ୍ୱର ଓ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ଉପାସନା କରି ତାହାଙ୍କ ନିକଟବର୍ତ୍ତୀ ହେଉ ।

**- J.C. Choate**

❋ ❋ ❋

# ବାକ୍ୟାଧ୍ୟାନର ସରଳ ସୂତ୍ର
## (How to study your Bible)

ବାଇବଲ ଏକ କ୍ଷୁଦ୍ର ଗ୍ରନ୍ଥାଳୟ । ଏହି ଗ୍ରନ୍ଥାଳୟ ୬୬ ପୁସ୍ତକ ଗୁଡ଼ିକର ସମଷ୍ଟି । ଏଥିରୁ ୩୯ ପୁସ୍ତକଗୁଡ଼ିକ ପୁରାତନ ନିୟମ ଅନ୍ତର୍ଭୁକ୍ତ ଓ ଅବଶିଷ୍ଟ ୨୭ ନୂତନ ନିୟମ ରୂପେ ପରିଚିତ । ଏହି ପୁସ୍ତକଗୁଡ଼ିକର ମୂଳବସ୍ତୁ ଏକ ହୋଇଥିବାରୁ ଏହା ଏକ ପୁସ୍ତକ ରୂପେ ସଂକଳିତ ହୋଇଅଛି । ପ୍ରେମମୟ ପିତା ପରମେଶ୍ୱର ଆପଣା ଅଦ୍ୱିତୀୟ ପୁତ୍ରଙ୍କ ଦ୍ୱାରା ଜଗତର ପାପ ମୋଚନ କରିଅଛନ୍ତି । ଏହା ହିଁ ବାଇବଲର ମୁଖ୍ୟ ମୂଳବସ୍ତୁ । ପୁରାତନ ନିୟମର ୩୯ ପୁସ୍ତକଗୁଡ଼ିକରେ ଖ୍ରୀଷ୍ଟଙ୍କ ଏହି ଜଗତର ଆଗମନ ବିଷୟରେ, ନୂତନ ନିୟମର ପ୍ରଥମ ଚାରି ପୁସ୍ତକ ତାହାଙ୍କ ଜାଗତିକ ଜୀବନଯାପନ ବିଷୟରେ ଏବଂ ଶେଷ ୨୩ ପୁସ୍ତକରେ ତାହାଙ୍କ ଆଜ୍ଞାବହମାନଙ୍କୁ ଆପଣା ନିକଟକୁ ଘେନିଯିବା ନିମନ୍ତେ ସେ ପୁନର୍ବାର ଏ଼ି ଜଗତରେ ଆଗମନ କରିବେ ବୋଲି ପଢ଼ିପାରୁ ।

ବାଇବଲକୁ ସଠିକ୍ ଭାବେ ବୁଝିବା ନିମନ୍ତେ ଆମ୍ଭମାନଙ୍କୁ ପଢ଼ିବା ସମୟରେ ଆପଣା ୨ କୁ ୫ଟି ପ୍ରଶ୍ନ ପଚାରିବା ଆବଶ୍ୟକ (୧) କିଏ କହୁଅଛନ୍ତି (୨) କାହାକୁ କହୁଅଛନ୍ତି (୩) କେବେ କହୁଅଛନ୍ତି (୪) କେଉଁ ଭାଷାରେ କହୁଅଛନ୍ତି (୫) କେଉଁ ପରିସ୍ଥିତିରେ କହୁଅଛନ୍ତି । ଏହି ପ୍ରଶ୍ନଗୁଡ଼ିକର ସଠିକ୍ ଉତ୍ତର ପାଇଲେ ଆମ୍ଭେମାନେ ଈଶ୍ୱରଙ୍କ ବାକ୍ୟ ସରଳ ଭାବେ ବୁଝିପାରିବା ।

**(୧) କିଏ କହୁଅଛନ୍ତି ?** ବାଇବଲରେ ଲିଖିତ ପ୍ରତ୍ୟେକ ଅଂଶ ଈଶ୍ୱରଙ୍କ ପ୍ରେରଣାରେ ମନୁଷ୍ୟମାନଙ୍କ ଦ୍ୱାରା ଲିଖିତ ହୋଇଅଛି । ଈଶ୍ୱର ନିଶ୍ୱସିତ ଲେଖକଗଣ ଅଧାର୍ମିକମାନଙ୍କ ବିଷୟରେ ମଧ୍ୟ ଆପଣା ଲେଖନରେ ଉଲ୍ଲେଖନ କରିଛନ୍ତି । ଏପରିକି ଶୟତାନ ଦ୍ୱାରା ବ୍ୟକ୍ତ କେତୋଟି ବାକ୍ୟ ମଧ୍ୟ ପବିତ୍ର ବାଇବଲରେ ପଢ଼ିପାରୁ । (ଆୟୁବ ୧:୯-୧୧, ୨,୪,୫, ମାଥିଉ ୪:୩, ୬,୯) କିନ୍ତୁ ସେଗୁଡ଼ିକ ଆମ୍ଭମାନଙ୍କ ପାଳନାର୍ଥେ ନୁହେଁ । ପ୍ରଶ୍ନ ''କିଏ କହୁଅଛନ୍ତି ?''ର ସୂତ୍ର ଆମ୍ଭେମାନଙ୍କୁ ଲିଖିତ ବାକ୍ୟ ପାଳନ ନିମନ୍ତେ ଦିଆଯାଇଅଛି କି ନାହିଁ ଜାଣିବାରେ ସାହାଯ୍ୟ କରେ ।

(୨) କାହାକୁ କହୁଅଛନ୍ତି ? ଆଦି ୬:୧୪ ପଦରେ ସଦାପ୍ରଭୁ ଧାର୍ମିକ ନୋହଙ୍କୁ କହନ୍ତି, ''ତୁମ୍ଭେ ଗୋଫର କାଷ୍ଠରେ ଗୋଟିଏ ଜାହାଜ ନିର୍ମାଣ କର ତହିଁରେ ନାନା କୋଠରୀ ବନାଇ ତହିଁର ଭିତର ଓ ବାହାର ଝୁଣା ଲେପନ କର'' ପିତା ପରମେଶ୍ୱରଙ୍କ ଦୃଷ୍ଟିରେ ଧାର୍ମିକ ଗଣିତ ହେବା ନିମନ୍ତେ ଆମ୍ଭେମାନେ ସେପରି କରି ପରମେଶ୍ୱରଙ୍କୁ ସନ୍ତୁଷ୍ଟ କରି ନ ପାରୁ । ମହାବନ୍ୟାରୁ ସପରିବାରେ ରକ୍ଷା ପାଇବା ନିମନ୍ତେ ନୋହଙ୍କର ଜାହାଜ ନିର୍ମାଣ ଆବଶ୍ୟକ ଥିଲା । ଦ୍ୱିତୀୟ ପ୍ରଶ୍ନ ''କାହାକୁ କହୁଅଛନ୍ତି'' ପ୍ରଶ୍ନ ସାହାଯ୍ୟରେ ଏହି ଉଲ୍ଲେଖିତ ବାକ୍ୟାଂଶ (ଆଦି ୬:୪) ଆମ୍ଭମାନଙ୍କ ପାଳନ ନିମନ୍ତେ ଦତ୍ତ ହୋଇ ନ ଥିଲା ବୋଲି ଜାଣୁଅଛୁ :

(୩) କେବେ କହିଅଛନ୍ତି ? କୁଳପତିମାନଙ୍କ ଯୁଗ ସମୟରେ ସଦାପ୍ରଭୁ ପରମେଶ୍ୱର ପ୍ରତ୍ୟକ୍ଷ ଭାବେ ପରିବାରର ପିତା ସହିତ କଥାବାର୍ତ୍ତା କରୁଥିଲେ । ମୋଶାଙ୍କ ବ୍ୟବସ୍ଥା ସମୟରେ ମୋଶାଙ୍କ ଦ୍ୱାରା ତଥା ଅନ୍ୟ ଭବିଷ୍ୟଦବକ୍ତାମାନଙ୍କ ଦ୍ୱାରା ସଦାପ୍ରଭୁ ଇଶ୍ରାଏଲମାନଙ୍କ ସହିତ କଥା କହୁଥିଲେ । ଏହି ଅନୁଗ୍ରହ ଯୁଗରେ ପିତା ପରମେଶ୍ୱର ଆପଣା ପ୍ରିୟ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ନୂତନ ନିୟମ ଦ୍ୱାରା କଥା କହୁଅଛନ୍ତି ।

ମୋଶାଙ୍କ ବ୍ୟବସ୍ଥା ସମୟରେ ପଶୁବଳି, ବିଶ୍ରାମବାର ପାଳନ ବିଶେଷ ଦିନ ପାଳନ, ଯାନ୍ତ୍ରିକ ସଗୀତ, ମନୋନୀତ ଯାଜକତ୍ୱ ପ୍ରଭୃତି ପରମେଶ୍ୱର ଉଦ୍ଦେଶ୍ୟରେ ପାଳନୀୟ ବିଧିବିଧାନ ପ୍ରଚଳିତ ଥିଲା । (ଯାତ୍ରା ୨୦:୮-୧୧, ଲେବୀ ୨୩: ୧ମ ବଂଶାବଳୀ ୨୫: ୨ୟ ବଂଶାବଳୀ ୨୯:୨୫, ଗୀତ ସଂହିତା ୧୫୦) । ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟ ପୁରାତନ ନିୟମ ସଫଳ କରି ଅନ୍ତ କରିଅଛନ୍ତି । (କଲସୀ ୧:୪୪) । ଏବେ ଆମ୍ଭେମାନେ ଖ୍ରୀଷ୍ଟଙ୍କ ନୂତନ ନିୟମାଧିନ ଅଟୁଁ । ୩ୟ ପ୍ରଶ୍ନ ''କେବେ କହଅଛନ୍ତି''ର ସାହାଯ୍ୟରେ ଆମ୍ଭେମାନେ ପୁରାତନ ନିୟମ ଉପାସନା ପଦ୍ଧତି ଆମ୍ଭମାନଙ୍କ ପାଳନାର୍ଥେ ନୁହେଁ ବୋଲି ଜାଣିପାରୁ । ଆମ୍ଭେମାନେ ବର୍ତ୍ତମାନ କିପରି ତାହାଙ୍କ ଉପାସନା କରିବା ଆବଶ୍ୟକ ତାହା ନୂତନ ନିୟମରେ ବର୍ଣ୍ଣିତ କରାଯାଇଅଛି ।

(୪) କେଉଁ ଭାଷାରେ କହିଅଛନ୍ତି ? ମନୁଷ୍ୟର ପ୍ରତ୍ୟେକ ଭାଷାରେ ଆକ୍ଷରିକ ଓ ଆଳଙ୍କାରିକ ଭାବ ଥାଏ । ଆଦି ପୁସ୍ତକ ଯାତ୍ରା ପୁସ୍ତକରେ ଏବଂ ପ୍ରେରିତମାନଙ୍କ କାର୍ଯ୍ୟର ବିବରଣର ପୁସ୍ତକ ଲିଖିତ ବାକ୍ୟଗୁଡ଼ିକ ଇତିହାସ । ଉ:ଦା-ଆକ୍ଷରିକ (Literal Language)ରେ ମେଷର ଅର୍ଥ ପଶମ ବିଶିଷ୍ଟ ଏକ ଚତୁଷ୍ପଦ ପ୍ରାଣୀ ।

କିନ୍ତୁ ଆଲଙ୍କାରିକ ଭାଷାରେ ବାକ୍ୟର ଅର୍ଥ ଭିନ୍ନ ଥାଏ । ଏପରି ଭାଷାରେ ମେଷର ଅର୍ଥ ଏକ ଚତୁଷ୍ପଦ ପ୍ରାଣୀ ନୁହେଁ । କିନ୍ତୁ ମେଷର ଗୁଣବିଶିଷ୍ଟ ଅନ୍ୟ କିଛି । ପ୍ରଭୁ ଯୀଶୁଖ୍ରୀଷ୍ଟ ମନୁଷ୍ୟ ଶରୀରଧାରୀ ପିତା ପରମେଶ୍ୱର ଅଦ୍ୱିତୀୟ ପୁତ୍ର ଅଟନ୍ତି । ଆଲଙ୍କାରିକ ଭାଷାରେ ତାହାଙ୍କୁ ମେଷ ସହିତ ତୁଳନା କରାଯାଏ । ବାପ୍ତିଜକ ଯୋହନ କହିଲେ, ''.......ଏହି ଦେଖ ଈଶ୍ୱରଙ୍କ ମେଷଶାବକ ଯେ ଜଗତର ପାପ ବହି ନେଇଯାଆନ୍ତି ।'' (ଯୋହନ ୧:୨୯) । ପୁରାତନ ନିୟମାନୁଯାୟୀ ପାପମୋଚନ ନିମନ୍ତେ ମେଷଶାବକ ବଳି ଉତ୍ସର୍ଗ କରାଯାଉଥିଲା । ବାପ୍ତିଜକ ଯୋହନ ଏହି ବାକ୍ୟର ଅର୍ଥ ଯୀଶୁଖ୍ରୀଷ୍ଟ ଜଗତର ପାପମୋଚନ ପାଇଁ ବଳି ନିମନ୍ତେ ଆପଣାକୁ ଉତ୍ସର୍ଗ କରୁଥିବା ମେଷ ସଦୃଶ୍ୟ ଅଟନ୍ତି କିନ୍ତୁ ସେ ନିଜେ ଏକ ମେଷ ନୁହନ୍ତି ।

(୫) କେଉଁ ପରିସ୍ଥିତିରେ କୁହାଯାଇଅଛି ? ଲେଖକଙ୍କ ପରିପାର୍ଶ୍ୱିକ ଅବସ୍ଥା ବୁଝିପାରିଲେ ଆମ୍ଭେମାନେ ତାହାଙ୍କ ଲେଖନୀ ଆହୁରି ସରଳ ଭାବେ ବୁଝିପାରିବା । ପଥିଗିଆ ପାତ୍ମ ଦ୍ୱୀପରେ ପ୍ରେରିତ ଯୋହନ ରୋମୀୟ ସାମ୍ରାଜ୍ୟ ଦ୍ୱାରା କାରାବାସ ଭୋଗିବା ସମୟରେ ପ୍ରକାଶିତ ବାକ୍ୟ ପୁସ୍ତକ ଲେଖିଥିଲେ । ଖ୍ରୀ:ଜ: ୯୫-୧୦୦ ମସିହା ସମୟରେ ଏହି ବିଜାତୀୟ ସାମ୍ରାଜ୍ୟ ଖ୍ରୀଷ୍ଟିୟାନମାନଙ୍କୁ ତାଡ଼ନା କରୁଥିଲା । ପ୍ରଥମ ଶତାବ୍ଦୀ ତାଡ଼ିତ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଏହି ପୁସ୍ତକ ଲିଖିତ ହୋଇଥିଲା । (ପ୍ରକାଶିତ ୨:୭, ୧୧,୧୭,୨୬, ୩:୫, ୧୨,୨୧) ଏହି ପୁସ୍ତକ ଜରିଆରେ ସେମାନେ ଅତ୍ୟଧିକ ଭାବେ ସାନ୍ତ୍ୱନାପ୍ରାପ୍ତ ହୋଇଥିଲେ ।

ବାଇବଲ ଈଶ୍ୱର ନିଶ୍ୱସିତ ମହାନ ପୁସ୍ତକ । ଏହା ମନୁଷ୍ୟର ପରିତ୍ରାଣାର୍ଥେ ଈଶ୍ୱରଦତ୍ତ ଉପହାର । ସେଥିରେ ଲିଖିତ ବାକ୍ୟ ଆଜ୍ଞାବହ ହେବା ନିମନ୍ତେ ଆମ୍ଭମାନଙ୍କ ତାହା ସତ୍‌ରୂପେ ଧ୍ୟାନ କରିବା ଆବଶ୍ୟକ । ତେଣୁକରି ତୀମଥିଙ୍କୁ ପାଉଲ ଲେଖନ୍ତି, ''ସତ୍ୟ ବାକ୍ୟ ଯଥାର୍ଥ ରୂପେ ବ୍ୟବହାର କରି ଯେଉଁ କାର୍ଯ୍ୟକାରୀର ଲଜ୍ଜାବୋଧ କରିବା ଆବଶ୍ୟକ ନୁହେଁ, ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷା ସିଦ୍ଧ ଦେଖାଇବାକୁ ଯତ୍ନ କର ।'' (୨ୟ ତୀମଥି ୨:୧୫) ଉପରୋକ୍ତ ୫ଟି ସରଳ ସୂତ୍ର ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ଲିଖିତ ବାକ୍ୟ ସଠିକ୍ ଭାବେ ବୁଝିପାରିବା । ଯାହା ପାଳନ କରି ଆମ୍ଭେମାନେ ଅନନ୍ତ ଜୀବନ ପାଇପାରିବା ।

***- Rod Rutherford***

# ତ୍ରି ଏକ ଈଶ୍ୱର
## (The God head)

ମନୁଷ୍ୟମାନଙ୍କ ଅବୁଝା ''ତ୍ରି ଏକ ଈଶ୍ୱର'' ବୋଲି ଏହି ପଦ ବାଇବଲରେ ଲିଖିତ ହୋଇନାହିଁ। ଦ୍ୱିତୀୟ ବିବରଣୀ ୬:୪ ଯିଶାଇୟ ୪୪:୬, ୪୫:୫, ୬,୧୮ କରିନ୍ଥୀ ୮:୬ ପଦାନୁଯାୟୀ ଈଶ୍ୱର ଏକ ଅଟନ୍ତି । ବାଇବଲ ପିତା ପୁତ୍ରଙ୍କୁ ଓ ପବିତ୍ର ଆତ୍ମାଙ୍କୁ ମଧ୍ୟ ଈଶ୍ୱର ବୋଲି ଉପସ୍ଥାପିତ କରେ । (ଏଫିସୀ ୧:୩, ଏବ୍ରୀ ୧:୮, ପ୍ରେରିତ ୫:୩,୪)

ପ୍ରେରିତ ୧୭:୨୯, ରୋମୀୟ ୧:୨୦, କଲସୀ ୨:୯ ପଦଗୁଡ଼ିକରେ ''ଈଶ୍ୱରତ୍ୱ'' ବା God head ପଦ ବ୍ୟବହୃତ ହୋଇଅଛି । ପୁରାତନ ନିୟମରେ ଈଶ୍ୱର ଆପଣାକୁ ''ଆମ୍ଭେ'' ''ଆମ୍ଭର'' ପ୍ରଭୃତି ବହୁବଚନ ପଦ ଦ୍ୱାରା ପରିଚିତ କରାନ୍ତି । (ଆଦି ୧:୨୬,୨୭, ୩:୨୨, ୧୧:୭, ଯିଶାଇୟ ୬:୮) । ନୂତନ ନିୟମରେ ଅନେକ ପଦଗୁଡ଼ିକ ପିତା, ପୁତ୍ର ଓ ପବିତ୍ର ଆତମାଙ୍କୁ ସମ୍ମିଳିତ ଭାବେ ଉପସ୍ଥାପିତ କରାଯାଏ । ଉଦାହରଣ ସ୍ୱରୂପ – ''ଯୀଶୁ ବାପ୍ତିଜକ ହେଲା କ୍ଷଣି ଜଳରୁ ଉଠି ଆସିଲେ ଆଉ ଦେଖ ଆକାଶ ଉନ୍ମୁକ୍ତ ହେଲା, ପୁଣି ସେ ଈଶ୍ୱରଙ୍କ ଆତ୍ମାଙ୍କୁ କପୋତ ପରି ଅବତରଣ କରି ଆପଣା ଉପରକୁ ଆସିବା ଦେଖିଲେ । ଆଉ ଦେଖ, ଆକାଶରୁ ଏକ ବାଣୀ ହେଲା, ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କ ଠାରେ ଆମ୍ଭର ପରମ ସନ୍ତୋଷ ।'' (ମାଥିଉ ୩:୧୬,୧୭) । ଅତଏବ ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମା ନାମରେ ବାପ୍ତିସ୍ମ ଦେଇ ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର, ଆଉ ଦେଖ ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି । (ମାଥିଉ ୨୮:୧୯,୨୦) ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଅନୁଗ୍ରହ, ଈଶ୍ୱରଙ୍କ ପ୍ରେମ ଓ ପବିତ୍ର ଆତ୍ମାଙ୍କ ସହଭାଗିତା ତୁମ୍ଭ ସମସ୍ତଙ୍କ ସହବର୍ତ୍ତୀ ହେଉ । (୨ କରିନ୍ଥୀ ୧୩:୧୩)

ଏକ ଈଶ୍ୱରତ୍ୱରେ ତିନୋଟି ବ୍ୟକ୍ତିତ୍ୱର ସମ୍ମିଳନ ।Dalton Keyଙ୍କ ମତରେ ପବିତ୍ର God ପଦ କେବଳ ପିତା ପରମେଶ୍ୱରଙ୍କୁ ବୁଝାଏ, ଏହା ଏକ ''ଈଶ୍ୱରତ୍ୱ ପରିବାର''ର ସଂଜ୍ଞା । ଏକ ପରିବାରର ସ୍ୱାମୀ, ସ୍ତ୍ରୀ ଏକାଙ୍ଗ ହେଲେ ସୁଦ୍ଧା ଯେପରି ଦୁଇ ଭିନ୍ନ ଭିନ୍ନ ବ୍ୟକ୍ତିତ୍ୱର ସେହିପରି ସ୍ୱର୍ଗୀୟ ଐଶ୍ୱରିକ ପରିବାରର ସଭ୍ୟଗଣ ମଧ୍ୟ ଭିନ୍ନ ଭିନ୍ନ ବ୍ୟକ୍ତିତ୍ୱ ଅଟନ୍ତି ।

ପିତା ଈଶ୍ୱର ଅଟନ୍ତି (ଏଫିସୀ ୧:୩) ପୁତ୍ର ଯୀଶୁଖ୍ରୀଷ୍ଟ ଈଶ୍ୱର ଅଟନ୍ତି । (ଏବ୍ରୀ ୧:୮) । ପବିତ୍ର ଆତ୍ମା ମଧ୍ୟ ଈଶ୍ୱର ଅଟନ୍ତି । ପିତା ଓ ପୁତ୍ର ଦୁହେଁ ନୁହଁନ୍ତି ବୋଲି ଯୋହନ ୮:୧୬-୧୮, ମାର୍କ ୧୩:୩୨, ପ୍ରେରିତ ୨:୩୩,୩. ୭:୩୫ ପଦଗୁଡ଼ିକ ପ୍ରମାଣ କରେ । ତଥାପି ପିତା ଓ ପୁତ୍ରଙ୍କର ଶିକ୍ଷା, ସୁରକ୍ଷା, ବାକ୍ୟ କାର୍ଯ୍ୟ ଓ ଉଦ୍ଦେଶ୍ୟ ଏକ ଅଟେ । (୨ ଯୋହନ ୯, ଯୋହନ ୧୦:୨୭-୩୦, ଯୋହନ ୧୪:୮-୧୧, ୧୪:୧୬-୨୮, କଲସୀ ୨:୮-୧୦) ଉଭୟେ ଦୟା କରୁଣାମୟ ଅଟନ୍ତି । କିନ୍ତୁ ଦୁହେଁ ଏକ ବ୍ୟକ୍ତି ନୁହଁନ୍ତି ।

ଯୀଶୁଖ୍ରୀଷ୍ଟ ପବିତ୍ର ଆତ୍ମାଙ୍କୁ ଏକ ବ୍ୟକ୍ତି ରୂପେ ଯୋହନ ୧୬:୭-୧୬ ପଦଗୁଡ଼ିକରେ ଉପସ୍ଥାପିତ କରନ୍ତି । ସେ ଶିକ୍ଷା ଦେବାରେ ସାକ୍ଷ୍ୟ ଦେବାରେ ସକ୍ଷମ ଅଟନ୍ତି । ଆଦିମ ଖ୍ରୀଷ୍ଟିୟାନ ମଣ୍ଡଳୀରେ ହନନୀୟ ଓ ସଫିରା ପାପରେ ଧରା ପଡ଼ିଲା ବେଳେ ପିତର ତାହାଙ୍କୁ କହନ୍ତି, ‘‘ହେ ହନନୀୟ ପବିତ୍ର ଆତ୍ମାଙ୍କ ନିକଟରେ ମିଥ୍ୟା କହିବାକୁ ଓ ଭୂମିର ମୂଲ୍ୟରୁ କିଛି ଲୁଚାଇ ରଖିବାକୁ କାହିଁକି ଶୟତାନ ତୁମ୍ଭ ହୃଦୟ ସମ୍ପୂର୍ଣ୍ଣ ଅଧିକାର କରିଅଛି ? (ପ୍ରେଃତ ୫:୩,୪) । ଏହି ବାକ୍ୟଗୁଡ଼ିକ ପବିତ୍ର ଆତ୍ମାଙ୍କ ବ୍ୟକ୍ତିତ୍ୱ ପ୍ରକାଶ କରେ ।

ପବିତ୍ର ଆତ୍ମାଙ୍କ କାର୍ଯ୍ୟ ବହୁଳ । ପୁରାତନ ନିୟମରେ ଭାବବାଦୀମାନେ ପବିତ୍ର ଆତ୍ମାଙ୍କ ଶକ୍ତିରେ କଥା କହୁଥିଲେ । (୨ୟ ପିତର ୧:୨୦,୨୧) । ନୂତନ ନିୟମରେ ପବିତ୍ର ଆତ୍ମା ସତ୍ୟ ପ୍ରକାଶ କରି ପ୍ରମାଣ ସିଦ୍ଧ କଲେ । (ମାର୍କ ୧୬:୨୦, ଏବ୍ରୀ ୨:୩,. ଯିହୂଦା ୩) । ପ୍ରେରିତମାନଙ୍କୁ କଅଣ କହିବା ଆବଶ୍ୟକ ପବିତ୍ର ଆତ୍ମା ଜଣାଇଥିଲେ ବୋଲି ମାଥିଉ ୧୦:୧୯,୨୦ ଓ ଯୋହନ ୧୪:୨୬, ୧୬:୧୩ ପଦଗୁଡ଼ିକରୁ ଜାଣିପାରୁ ।

ପିତା ପୁତ୍ର ଓ ପବିତ୍ର ଆତ୍ମା ‘ଈଶ୍ୱରତ୍ୱ’ର ତିନୋଟି ବ୍ୟକ୍ତି । (ଯୋହନ ୧:୧-୩, ୧୪) । ଯୀଶୁଖ୍ରୀଷ୍ଟ ଇମ୍ମାନୁୟେଲ ଅର୍ଥାତ୍ ‘ଆମ୍ଭମାନଙ୍କ ସହିତ ଈଶ୍ୱର’ ଅଟନ୍ତି । (ଯିଶାଇୟ ୭:୧୪, ମାଥିଉ ୧:୨୨,୨୩) । ଯୀଶୁଖ୍ରୀଷ୍ଟ ‘ଈଶ୍ୱରତ୍ୱ’ର ତିନୋଟି ବ୍ୟକ୍ତିତ୍ୱର ଏକ ଈଶ୍ୱର ଅଟନ୍ତି ।

‘ଈଶ୍ୱର’ (God) ଏକ ପାରିବାରିକ ସଂଜ୍ଞା, ଯେଉଁ ସ୍ୱର୍ଗୀୟ ପରିବାରରେ ପିତା ପୁତ୍ର ଓ ପବିତ୍ର ଆତ୍ମା ଏକ ଅଭିନ୍ନ ଭାବେ ସମ୍ମିଳିତ ଅଟନ୍ତି ।

***- John Grubb***

# ଈଶ୍ୱର ନିଶ୍ୱସିତ ବାଇବଲ ବାକ୍ୟ
## (The Bible is inspired by God)

ଯୁବକ ତୀମଥିଙ୍କୁ ପ୍ରେରିତ ପାଉଲ ଲେଖନ୍ତି, ''ସମସ୍ତ ଶାସ୍ତ୍ର ଈଶ୍ୱର ନିଶ୍ୱସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ, ଯେପରି ଈଶ୍ୱରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସଜ୍ଜିତ ହୁଏ ।'' (୨ମ ତୀମଥି ୩:୧୬,୧୭) ବାଇବଲ ବାକ୍ୟଗୁଡ଼ିକ ସମ୍ପୂର୍ଣ୍ଣ ଭ୍ରାନ୍ତଶୂନ୍ୟ, ଈଶ୍ୱରଙ୍କ ନିଶ୍ୱସିତ ଅଟେ । 'ଈଶ୍ୱର ନିଶ୍ୱସିତ' ଅର୍ଥାତ୍ ଈଶ୍ୱରଙ୍କ ଠାରୁ ଆଗତ । ''Infaithable'' ବା ଭ୍ରାନ୍ତଶୂନ୍ୟ ବା ତାହାଙ୍କ ବାକ୍ୟ ଅସତ୍ୟ ଶିକ୍ଷା ଦିଏ ନାହିଁ ।

ଏଠାରେ ଦୁଇଟି ସମ୍ଭାବନା ରହିଅଛି । ବାଇବଲ ବାକ୍ୟ ଈଶ୍ୱରଙ୍କ ଠାରୁ ଆଗତ କିଅବା ମନୁଷ୍ୟମାନଙ୍କ ଦ୍ୱାରା ଲିଖିତ । ଏହା ଈଶ୍ୱରଙ୍କ ଠାରୁ ବୋଲି ମନୁଷ୍ୟମାନଙ୍କ ଦ୍ୱାରା ଲିଖିତ । ଏହା ଈଶ୍ୱରଙ୍କ ଠାରୁ ବୋଲି ୨ୟ ପିତର ୧:୨୦,୨୧ ପଦ କହେ, ''ପ୍ରଥମରେ ଏହା ଜ୍ଞାତ ହୁଅ ଯେ, ଶାସ୍ତ୍ରର କୌଣସି ଭାବବାଣୀ କେବେ ହେଁ ମନୁଷ୍ୟର ଇଚ୍ଛାରୁ ଉତ୍ପନ୍ନ ହୋଇନାହିଁ । ମାତ୍ର ଈଶ୍ୱର ପ୍ରେରିତ ମନୁଷ୍ୟମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ କଥା କହିଥିଲେ ।''

ଯୁଗାନୁକ୍ରମେ ବାଇବଲର ବାକ୍ୟ ଈଶ୍ୱର ନିଶ୍ୱସିତ ବୋଲି ମନୁଷ୍ୟମାନେ ସ୍ୱୀକାର କରିଅଛନ୍ତି । ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ ଲେଖନ୍ତି, କେହି ଯଦି ଆପଣାକୁ ଭାବବାଦୀ ବା ଆତ୍ମିକ ଦାନ ପ୍ରାପ୍ତ ବୋଲି ମନେ କରେ, ତାହାହେଲେ ମୁଁ ତୁମ୍ଭମାନଙ୍କୁ ଯାହା ଯାହା ଲେଖୁଅଛି, ସେହିସବୁ ଯେ ପ୍ରଭୁଙ୍କ ଆଜ୍ଞା ଏହା ସେ ଜ୍ଞାତ ହେଉ ।'' (୧ମ କରନ୍ଥୀ ୧୪:୩୭) ଥେସଲନୀକୀ ମଣ୍ଡଳୀକୁ କହନ୍ତି । ଆଉ ଏହି କାରଣରୁ ଆମ୍ଭେମାନେ ମଧ୍ୟ ନିରନ୍ତର ଈଶ୍ୱରଙ୍କ ଧନ୍ୟବାଦ କରୁଅଛୁ ଯେ, ଯେତେବେଳେ ତୁମ୍ଭେମାନେ ଆମ୍ଭମାନଙ୍କ ଦ୍ୱାରା ପ୍ରଚାରିତ ଈଶ୍ୱରଙ୍କ ବାକ୍ୟ ଗ୍ରହଣ କଲ, ସେତେବେଳେ ତାହା ମନୁଷ୍ୟର ବାକ୍ୟ ସ୍ୱରୂପେ ଗ୍ରହଣ ନ କରି ବରଂ ଈଶ୍ୱରଙ୍କ ବାକ୍ୟ ସ୍ୱରୂପେ ଗ୍ରହଣ କରିଥିଲ, ଆଉ ବାସ୍ତବରେ ତାହା ଈଶ୍ୱରଙ୍କ ବାକ୍ୟ ଅଟେ । ପୁଣି ବିଶ୍ୱାସୀ ଯେ ତୁମ୍ଭେମାନେ ତୁମ୍ଭମାନଙ୍କ ଅନ୍ତରରେ ତାହା ମଧ୍ୟ କାର୍ଯ୍ୟ ସାଧନ କରୁଅଛି । (୧ମ ଥେସଲନୀକୀ ୨:୧୩) । ''ପ୍ରତ୍ୟାଦେଶ ଦ୍ୱାରା ସେହି ନିଗୂଢ଼ ତତ୍ତ୍ୱ ମୋତେ ଜ୍ଞାତ କରାଗଲା, ଯେପରି ମୁଁ ପୂର୍ବେ ସଂକ୍ଷିପ୍ତ ଭାବରେ ଲେଖୁଅଛି, ତାହା ପଢ଼ି ଖ୍ରୀଷ୍ଟଙ୍କ ନିଗୂଢ଼ ତତ୍ତ୍ୱରେ ମୋର ଜ୍ଞାନର ପରିଚୟ ପାଇପାର ।'' (ଏଫିସୀ ୩:୪)

ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟ ମଧ୍ୟ ବାଇବଲର ଲିଖିତ ବାକ୍ୟ ଈଶ୍ୱରଙ୍କ ବାକ୍ୟ ବୋଲି ସାକ୍ଷ୍ୟ ଦିଅନ୍ତି । ସ୍ୱର୍ଗାହରଣ ପୂର୍ବେ ଆପଣା ଶିଷ୍ୟମାନଙ୍କୁ କହନ୍ତି, ପୁଣି, ସେ ସେମାନଙ୍କୁ କହିଲେ ମୋଶାଙ୍କ ବ୍ୟବସ୍ଥା ଏବଂ ଭାବବାଦୀମାନଙ୍କ ଗୀତ ସଂହିତାରେ ଧର୍ମଶାସ୍ତ୍ରର ମୋ ବିଷୟରେ ଯାହା ଯାହା ଲେଖାଅଛି, ସେହିସବୁ ସଫଳ ହେବା ଆବଶ୍ୟକ, ମୁଁ ତୁମ୍ଭମାନଙ୍କ ସଙ୍ଗରେ ଥିବା ସମୟରେ ତୁମ୍ଭମାନଙ୍କୁ ଏହି ସମସ୍ତ କଥା କହିଥିଲି । (ଗୀତ ୨୪:୪୪) । ନୂତନ ନିୟମ ଲେଖାଯିବା ପୂର୍ବେ ପ୍ରଭୁଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଲେ, ‘‘କିନ୍ତୁ ସେ, ଅର୍ଥାତ୍ ସତ୍ୟମୟ ଆତ୍ମା ଆସିଲେ ସେ ପଥ ଦେଖାଇ ତୁମ୍ଭମାନଙ୍କୁ ସମସ୍ତ ସତ୍ୟରେ ପ୍ରବେଶ କରାଇବ । କାରଣ ସେ ଆପଣା ଠାରୁ କଥା କହିବେ ନାହିଁ । ମାତ୍ର ଯାହା ଯାହା ଶୁଣିବେ ସେହିସବୁ କହିବେ, ପୁଣି ଆଗାମୀ ବିଷୟ ସବୁ ତୁମ୍ଭମାନଙ୍କୁ ଜଣାଇବେ ।’’ (ଯୋହନ ୧୬:୧୩)

କବିମାନେ ଆପଣା ଅନ୍ତରଭାବନା ଦ୍ୱାରା କବିତା ଲେଖିବା ସଦୃଶ୍ୟ ବାଇବଲ ଲେଖକମାନେ ବାଇବଲ ଲେଖିଅଛନ୍ତି ବୋଲି ଅନେକଙ୍କ ଧାରଣା । ପୃଥିବୀର ଅନେକ ଲେଖକ ଲେଖିବା ସଦୃଶ୍ୟ ବାଇବଲର ଲେଖକଗଣ ମେଧାବୀ ନୁହନ୍ତି । କାରଣ ସେମାନଙ୍କ ଲିଖିତ ବାକ୍ୟ ସରଳ ସ୍ୱତଃ ନୁହେଁ କିନ୍ତୁ ଈଶ୍ୱର ନିଶ୍ୱସିତ । ଯେପରିକି ଯିରିମିୟ କହନ୍ତି, ‘‘ସେତେବେଳେ ସଦାପ୍ରଭୁ ଆପଣା ହସ୍ତ ବଢ଼ାଇ ମୋର ମୁଖ ସ୍ପର୍ଶ କଲେ, ଆଉ ସଦାପ୍ରଭୁ ମୋତେ କହିଲେ ଦେଖ, ଆମ୍ଭେ ଆପଣା ବାକ୍ୟ ତୁମ୍ଭ ମୁଖରେ ଦେଲୁ ।’’ (ଯିରିମିୟ ୧:୯)

- ‘ଏଣୁ ଏବେ ଯାଅ, ଆମ୍ଭେ ତୁମଭ ମୁଖର ସହବର୍ତ୍ତୀ ହୋଇ ବକ୍ତବ୍ୟ କଥା ତୁମ୍ଭକୁ ଶିଖାଇବା ।’
- ‘ମୋ ଦ୍ୱାରା ସଦାପ୍ରଭୁଙ୍କ ଆତ୍ମା କହିଲେ ଓ ତାହାଙ୍କର ବାକ୍ୟ ମୋ ଜିହ୍ୱାରେ ଥିଲା ।’ (୨ୟ ଶାମୂୟେଲ ୨୩:୨)
- ‘ଆଉ ଯେବେ କେହି ଏହି ପତ୍ରରେ ଲିଖିତ ଆମ୍ଭମାନଙ୍କ କଥା ନ ମାନେ, ତେବେ ସେହି ଲୋକଙ୍କୁ ଚିହ୍ନି ରଖ, ପୁଣି ସେ ଯେପରି ଲଜ୍ଜିତ ହୁଏ, ଏଥି ନିମନ୍ତେ ତାହା ସମ୍ବନ୍ଧ ରଖ ନାହିଁ ।’ (୨ୟ ଥେସ ୩:୧୩)

ଈଶ୍ୱର ନିଶ୍ୱସିତ ପରମେଶ୍ୱରଙ୍କ ବାକ୍ୟରେ ମନୁଷ୍ୟକୁ ଆପଣା ବାକ୍ୟ ଯୋଗ ବା ବଯୋଗ କରିବାର ଅଧିକାର ଦିଆଯାଏ ନାହିଁ । (ଦ୍ୱି.ବିଂ. ୪:୨, ଗାଲାତି ୧:୬-୯), ପ୍ରକାଶିତ ବାକ୍ୟ ୨୨:୧୮,୧୯) । ପୁରାତନ ନିୟମ ଏବ୍ରୀ ଭାଷାରେ ଓ ନୂତ ନିୟମ ଗ୍ରୀକ୍ ଭାଷାରେ ପ୍ରଥମେ ଲିଖିତ ହୋଇଥିଲା । ତା’ପରେ ଅନ୍ୟ ଭାଷାଗୁଡ଼ିକରେ ଅନୁବାଦ କରାଯାଇଅଛି ।

ଈଶ୍ୱର ନିଶ୍ୱସିତ ବାଇବଲର ବାକ୍ୟ ଆମ୍ଭମାନଙ୍କ ସମସ୍ତ ଆତ୍ମୀୟ ଆବଶ୍ୟକତା ପୂରଣ କରେ । ଯେ ଆପଣା ଗୌରବ ଓ ସଦ୍‌ଗୁଣରେ ଆମ୍ଭମାନଙ୍କୁ ଆହ୍ୱାନ କରିଅଛନ୍ତି, ତାହାଙ୍କ ବିଷୟକ ଜ୍ଞାନ ଦ୍ୱାରା ତାହାଙ୍କ ଐଶ୍ୱରିକ ଶକ୍ତି ଆମ୍ଭମାନଙ୍କୁ ଜୀବନ ଓ ଧର୍ମପରାୟଣତା ନିମନ୍ତେ ସମସ୍ତ ଆବଶ୍ୟକୀୟ ବିଷୟ ଦାନ କରିଅଛନ୍ତି । ଏଥିରେ ଲିଖିତ ବାକ୍ୟଗୁଡ଼ିକ ଦ୍ୱାରା ଆମ୍ଭେମାନେ ଶେଷ ଦିନରେ ବିଚାରିତ ହେବୁ । 'ଯେ ମୋତେ ଅଗ୍ରାହ୍ୟ କରେ ଓ ମୋହର ବାକ୍ୟ ଗ୍ରହଣ କରେ ନାହିଁ, ତାହାର ବିଚାରକର୍ତ୍ତା ଅଛି । ମୁଁ ଯେଉଁ ବାକ୍ୟ କହିଅଛି, ତାହା ଶେଷ ଦିନରେ ତାହାର ବିଚାର କରିବ । (ଯୋହନ ୧୨:୪୮) ।

***- John Grubb***

❋ ❋ ❋

## ''ସଦାପ୍ରଭୁଙ୍କ ଧନ୍ୟବାଦ କର''
### (Why We Give Thanks)

ସମସ୍ତ ଆଶୀଷ ପରମେଶ୍ୱରଙ୍କ ଠାରେ ନିହିତ ଅଛି ଏବଂ ପ୍ରତ୍ୟେକ ମଙ୍ଗଳଦାନ ଆମଭେମାନେ ତାହାଙ୍କ ଠାରୁ ପ୍ରାପ୍ତ ହେଉଁ । ତେଣୁ କରି ଆମ୍ଭେମାନେ ସଦାସର୍ବଦା ତାହାଙ୍କୁ ଧନ୍ୟବାଦ, ପ୍ରଶଂସା ଓ ଗୌରବ ଦେଉ । ମହାରାଜା ଦାଉଦ ଓ ତାହାଙ୍କ ଅନୁଚରମାନଙ୍କ ବିଷୟରେ ଲେଖାଯାଏ, ''ପୁଣି ପ୍ରତି ପ୍ରଭାତରେ ଓ ସନ୍ଧ୍ୟାରେ ସଦାପ୍ରଭୁଙ୍କର ଧନ୍ୟବାଦ ଓ ପ୍ରଶଂସା କରିବା ପାଇଁ ଠିଆ ହେବାର ... ... ସେମାନଙ୍କର କାର୍ଯ୍ୟ ଥିଲା ।'' (୧ମ ବଂଶାବଳୀ ୨୩:୩୦) । ଏବ୍ରୀ ପୁସ୍ତକକର୍ତ୍ତା ଲେଖନ୍ତି, ''ଏଣୁ ଆସ, ତାହାଙ୍କ ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରଶଂସା ରୂପ ବଳି ଅର୍ଥାତ୍ ତାହାଙ୍କ ନାମ ସ୍ୱୀକାରକାରୀ ଓଷ୍ଠାଧାରର ଫଳ ନିତ୍ୟ ଉତ୍ସର୍ଗ କରୁ । (ଏବ୍ରୀ ୧୩:୧୫)

ଆମ୍ଭେମାନେ କାହିଁକି ତାହାଙ୍କୁ କୃତଜ୍ଞତା ଅର୍ପଣ କରିବା ତାହାର କେତୋଟି ମୁଖ୍ୟ କାରଣ :-

୧) ସେ ଆମ୍ଭମାନଙ୍କ ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା ଓ ରକ୍ଷାକର୍ତ୍ତା । ତେଣୁ କରି ଆମ୍ଭେମାନେ ସଦାସର୍ବଦା ତାହାଙ୍କୁ ଧନ୍ୟବାଦ ଦେଉ । ଦାଉଦ କହନ୍ତି, ''ସଦାପ୍ରଭୁ ଯେ ପରମେଶ୍ୱର ଅଟନ୍ତି । ଏହା ତୁମ୍ଭେମାନେ ଜ୍ଞାତ ହୁଅ, ସେ ଆମ୍ଭମାନଙ୍କୁ ନିର୍ମାଣ କରିଅଛନ୍ତି ଓ ଆମ୍ଭେମାନେ ତାହାଙ୍କର ଅଟୁ । ଆମ୍ଭେମାନେ ତାହାଙ୍କର ଲୋକ

ଓ ତାହାଙ୍କ ଚରାସ୍ଥାନର ମେଷ । ଧନ୍ୟବାଦ କରୁ କରୁ ତାହାଙ୍କ ଦ୍ୱାରରେ ଓ ପ୍ରଶଂସା କରୁ କରୁ ତାହାଙ୍କର ପ୍ରାଙ୍ଗଣରେ ପ୍ରବେଶ କର । ତାହାଙ୍କର ସ୍ତବ କର ଓ ତାହାଙ୍କ ନାମର ଗୁଣାନୁବାଦ କର । କାରଣ ସଦାପ୍ରଭୁ ମଙ୍ଗଳମୟ, ତାହାଙ୍କ ଦୟା ଅନନ୍ତକାଳ ସ୍ଥାୟୀ, ଆଉ ତାହାଙ୍କର ବିଶ୍ୱସ୍ତତା ପୁରୁଷାନୁକ୍ରମେ ଥାଏ । (ଗୀତ ୧୦୦:୩-୫) ''ପୃଥିବୀ ଓ ତହିଁର ପୂର୍ଣ୍ଣତା, ଜଗତ ଓ ତନ୍ନିବାସୀ ସମସ୍ତେ ସଦାପ୍ରଭୁଙ୍କର ।'' (ଗୀତ ୨୪:୧)

୨) ''ଈଶ୍ୱର ସବୁବେଳେ ଆମ୍ଭମାନଙ୍କୁ ଘେନି ଖ୍ରୀଷ୍ଟଙ୍କ ଠାରେ ବିଜୟଯାତ୍ରା କରୁଅଛନ୍ତି । କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସୁପ୍ରମାଣ କରୁଅଛନ୍ତି ।'' (ରୋମୀୟ ୫:୮) ''କିନ୍ତୁ ଈଶ୍ୱରଙ୍କୁ ଧନ୍ୟବାଦ ଦେଉ, ସେ ସବୁବେଳେ ଆମ୍ଭମାନଙ୍କୁ ଘେନି ଖ୍ରୀଷ୍ଟଙ୍କ ଠାରେ ବିଜୟ ଯାତ୍ରା କରୁଅଛନ୍ତି, ଆଉ ସବୁ ସ୍ଥାନରେ ତାହାଙ୍କ ଜ୍ଞାନରୂପ ସୁବାସ ଆମ୍ଭମାନଙ୍କ ଦ୍ୱାରା ପ୍ରକାଶ କରୁଅଛନ୍ତି ।'' (୨ୟ କରିନ୍ଥୀ ୨:୧୪) । ''ଯେଉଁ ଈଶ୍ୱର ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭମାନଙ୍କୁ ଜୟ ପ୍ରଦାନ କରନ୍ତି, ତାହାଙ୍କର ଧନ୍ୟବାଦ ଦେଉ । (୧ମ କରିନ୍ଥୀ ୧୫:୫)

୩) ସଦାପ୍ରଭୁ ଆମ୍ଭମାନଙ୍କ ଆଶ୍ରୟ ଓ ବଳ... ସେଥି ନିମନ୍ତେ ଆମ୍ଭେମାନେ ତାଙ୍କର ନିତ୍ୟ ପ୍ରଶଂସା ଓ ଧନ୍ୟବାଦ କରୁ । ଦାଉଦଙ୍କ କବିତା ଏପରି ବର୍ଣ୍ଣନା କରେ, 'ହେ ମୋହର ଶୈଳ ଓ ମୋହର ଗଡ଼ ଓ ମୋହର ଉଦ୍ଧାର କର୍ତ୍ତା, ମୋହର ପରମେଶ୍ୱର, ମୋହର ଦୃଢ଼ ଶୈଳ, ମୁଁ ତାହାଙ୍କ ଠାରେ ଶରଣ ନେବି । (ଗୀତ ୧୮:୧-୨) । ପାଉଲ ରୋମୀୟ ମଣ୍ଡଳୀକୁ ଲେଖନ୍ତି, ''କାରଣ ଯେତେବେଳେ ଆମ୍ଭେମାନେ ନିରୁପାୟ ଥିଲୁ, ସେତେବେଳେ ଖ୍ରୀଷ୍ଟ ଉପଯୁକ୍ତ ସମୟରେ ଅଧାର୍ମିକମାନଙ୍କ ନିମନ୍ତେ ମୃତ୍ୟୁ ଭୋଗ କଲେ ।'' (ରୋମୀୟ ୫:୬) । ଆମ୍ଭମାନଙ୍କର ଯେଉଁ ପ୍ରଭୁ ଖ୍ରୀଷ୍ଟଯୀଶୁ ମୋତେ ସକ୍ଷମ କରିଅଛନ୍ତି, ତାହାଙ୍କୁ ମୁଁ ଧନ୍ୟବାଦ ଦେଉଅଛି ଯେ ସେ ମୋତେ ବିଶ୍ୱସ୍ତ ଜ୍ଞାନ କରି ସେବକ ପଦରେ ନିଯୁକ୍ତ କରିଅଛନ୍ତି । (୧ମ ତୀମଥି ୧:୧୨)

୪) ଈଶ୍ୱରଙ୍କ ବାକ୍ୟ ଜୀବନ୍ତ ଓ କାର୍ଯ୍ୟ ସାଧକ । ତାହାଙ୍କ ବାକ୍ୟ ଆମ୍ଭମାନଙ୍କ ଇହ ଜୀବନ ଓ ପର ଜୀବନ ନିମନ୍ତେ ଆଶୀର୍ବାଦ ଦାୟକ । କାରଣ ଖ୍ରୀଷ୍ଟ କହନ୍ତି, ''ଲେଖାଅଛି, ମନୁଷ୍ୟ କେବଳ ରୋଟୀରେ ବଞ୍ଚିବ ନାହିଁ, ମାତ୍ର ଈଶ୍ୱରଙ୍କର ମୁଖରୁ ନିର୍ଗତ ବାକ୍ୟରେ ବଞ୍ଚିବ ।'' (ମାଥିଉ ୪:୪) ''ଆତ୍ମା ଜୀବନଦାୟକ,

ମାଂସ କୌଣସି ଉପକାର କରେ ନାହିଁ, ମୁଁ ତୁମ୍ଭମାନଙ୍କୁ ଯେ ସମସ୍ତ ବାକ୍ୟ କହିଅଛି, ସେହିସବୁ ଆତ୍ମା ଓ ଜୀବନ ଅଟେ ।'' (ଯୋହନ ୬:୬୩) । ପ୍ରେରିତ ପାଉଲ ଥେସଲନୀକୀୟ ମଣ୍ଡଳୀକୁ କହନ୍ତି, ''ଆଉ ଏହି କାରଣରୁ ଆମ୍ଭେମାନେ ମଧ୍ୟ ନିରନ୍ତର ଈଶ୍ୱରଙ୍କର ଧନ୍ୟବାଦ କରୁଅଛୁ ଯେ, ଯେତେବେଳେ ତୁମ୍ଭେମାନେ ଆମ୍ଭମାନଙ୍କ ଦ୍ୱାରା ପ୍ରଚାରିତ ଈଶ୍ୱରଙ୍କ ବାକ୍ୟ ଗ୍ରହଣ କଲ, ସେତେବେଳେ ତାହା ମନୁଷ୍ୟର ବାକ୍ୟ ଅଟେ, ପୁଣି ବିଶ୍ୱାସୀ ଯେ ତୁମ୍ଭେମାନେ, ତୁମ୍ଭମାନଙ୍କ ଅନ୍ତରରେ ତାହା ମଧ୍ୟ କାର୍ଯ୍ୟ ସାଧନ କରୁଅଛି ।'' (୧ମ ଥେସ ୨:୧୩) ଈଶ୍ୱରଙ୍କ ବାକ୍ୟ ନିମନ୍ତେ ତାହାଙ୍କୁ ନିରନ୍ତର ଧନ୍ୟବାଦ ଦେଉ ।

୫) ସଦାପ୍ରଭୁଙ୍କୁ ଆମ୍ଭେମାନେ ନିରନ୍ତର କୃତଜ୍ଞତା ଜଣାଉ, କାରଣ ସେ ଆମ୍ଭମାନଙ୍କ ପରିତ୍ରାଣ କର୍ତ୍ତା । 'ପରିତ୍ରାଣ ସଦାପ୍ରଭୁଙ୍କର ଅଧିକାର' (ଗୀତ ୩:୮) ବୋଲି ଦାଉଦ ପ୍ରକଟ କରନ୍ତି । ସେହି ପରିତ୍ରାଣ ଆମ୍ଭେମାନେ ପ୍ରଚାରିତ ବାକ୍ୟ ବିଶ୍ୱାସ କରି (ଏବ୍ରୀ ୧୧:୬) ମନ ପରିବର୍ତ୍ତନ କରି (ପ୍ରେରିତ ୩:୧୯), ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ରୂପେ ଆପଣା ଓଠ ଦ୍ୱାରା ମନୁଷ୍ୟମାନଙ୍କ ସମ୍ମୁଖରେ ସ୍ୱୀକାର କରି (ରୋମୀୟ ୧୦:୯), ବାପ୍ତିଜିତ (୧ମ ପିତର ୩:୨୧) ହେବା ଦ୍ୱାରା ପ୍ରାପ୍ତ ହୋଇଥାଉଁ । ଏହିପରି ପରିତ୍ରାଣ ପ୍ରାପ୍ତ ହେବା ଲୋକଙ୍କୁ ପ୍ରଭୁ ଆପଣା ମଣ୍ଡଳୀରେ ସଂଯୁକ୍ତ କରନ୍ତି (ପ୍ରେରିତ ୨:୨୭) । ତାହାଙ୍କ ମଣ୍ଡଳୀରେ ସଂଯୁକ୍ତ ପ୍ରତ୍ୟେକ ବ୍ୟକ୍ତି ନୂତନ ଜୀବନଯାପନ କରି ଶେଷ ପର୍ଯ୍ୟନ୍ତ ଧୈର୍ଯ୍ୟ ସହ ବିଶ୍ୱସ୍ତ ଥିଲେ, ଅନନ୍ତ ଜୀବନର ଅଧିକାରୀ ହୋଇପାରିବ ।

୬) ଆମ୍ଭେମାନେ ଯେପରି ନିରନ୍ତର ତାହାଙ୍କୁ ଧନବାଦ ଦେଉ । ଏହା ଈଶ୍ୱର ଇଚ୍ଛା କରନ୍ତି । ପ୍ରେରିତ ପାଉଲ ଏହା ଆପଣା ଲେଖନୀ ଦ୍ୱାରା ଆମ୍ଭମାନଙ୍କୁ ପ୍ରକଟ କରନ୍ତି, ''ସବୁ ଅବସ୍ଥାରେ ଧନ୍ୟବାଦ ଦିଅ, କାରଣ ତୁମ୍ଭମାନଙ୍କ ବିଷୟରେ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ଏହା ଈଶ୍ୱରଙ୍କ ଅଭିମତ ।'' (୧ମ ଥେସ ୫:୧୮) । ସର୍ବଦା ସର୍ବ ବିଷୟ ନିମନ୍ତେ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ । (ଏଫିସୀୟ ୫:୨୦)

୭) ସଦାପ୍ରଭୁଙ୍କ ସର୍ବଦା ଆମ୍ଭେମାନେ ଧନ୍ୟବାଦ ଦେଉଁ, କାରଣ,''.....ସେ ସ୍ୱୟଂ ସମସ୍ତଙ୍କୁ ଜୀବନ, ନିଶ୍ୱାସ ଓ ସମସ୍ତ ପଦାର୍ଥ ଦାନ କରନ୍ତି ।'' (ପ୍ରେରିତ ୧୭:୨୮) । ସେ ଆମ୍ଭମାନଙ୍କୁ ଦୈନିକ ଆହାର, ଆଶ୍ରୟ, ବସ୍ତ୍ର ଓ ପ୍ରତ୍ୟେକ ଆବଶ୍ୟକୀୟ ବସ୍ତୁ ଯୋଗାନ୍ତି । ତେଣୁକରି 'ବାକ୍ୟରେ କି କର୍ମରେ ତୁମ୍ଭେମାନେ

ଯାହା କିଛି କର, ସେ ସମସ୍ତ ପ୍ରଭୁଯୀଶୁଙ୍କ ନାମରେ କରି ତାହାଙ୍କ ଦ୍ୱାରା ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ ।'' (କଲସୀ ୩:୧୭)

୮) ଆସ, ଆମ୍ଭେମାନେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ନିରନ୍ତର ଧନ୍ୟବାଦ ଦେଉ । କାରଣ ସେ ଆପଣାକୁ ଉତ୍ସର୍ଗ କରି ଆମ୍ଭମାନଙ୍କ ନିମନ୍ତେ ମଣ୍ଡଳୀ ସ୍ଥାପନ କଲେ । (ମାଥିଉ ୧୬:୧୮, ରୋମୀୟ ୧୬:୧୬) 'ଖ୍ରୀଷ୍ଟ ଯେପରି ମଣ୍ଡଳୀ ମସ୍ତକ ସ୍ୱରୂପ, ସ୍ୱାମୀ ମଧ ସେହିପରି ସ୍ତ୍ରୀର ମସ୍ତକ ସ୍ୱରୂପ, ପୁଣି ଖ୍ରୀଷ୍ଟ ଆପଣା ଶରୀର ରୂପ ମଣ୍ଡଳୀର ତ୍ରାଣକର୍ତ୍ତା ।'' (ଏଫିସୀ ୫:୨୩) । ''ପୁଣି, ଖ୍ରୀଷ୍ଟଦତ୍ତ ଯେଉଁ ଶାନ୍ତି ଭୋଗ କରିବା ନିମନ୍ତେ ତୁମ୍ଭେମାନେ ଧନ୍ୟବାଦ ଦିଅ ।'' (କଲସୀ ୩:୧୫) । ତେଣୁ ସମସ୍ତ ବିଷୟ ତାହାଙ୍କ ଠାରୁ, ତାହାଙ୍କ ନିମନ୍ତେ, ଯୁଗେ ଯୁଗେ ଗୌରବ ତାହାଙ୍କର । ଆମେନ୍ । (କଲସୀ ୧୧:୩୬)

***-Agapio. V. (Catamora) Philippines***

❋ ❋ ❋

## ''ବହୁମୂଲ୍ୟ ଓ ଅତି ମହତ୍ ପ୍ରତିଜ୍ଞାମାନ''

## (Exceeding Great and Precious Promises)

ସୃଷ୍ଟିକର୍ତ୍ତା ପରମେଶ୍ୱରଙ୍କର ମହୁମୂଲ୍ୟ ଓ ଅତି ମହତ୍ ପ୍ରତିଜ୍ଞାମାନଙ୍କ ଦ୍ୱାରା ଆମ୍ଭେମାନେ ଐଶ୍ୱରିକ ସହଭାଗୀ ହେଉଁ । ପ୍ରେରିତ ପିତର ଏପରି ଲେଖନ୍ତି, ''ଯେ ଆପଣା ଗୌରବ ଓ ସଦ୍‌ଗୁଣରେ ଆମ୍ଭମାନଙ୍କୁ ଆହ୍ୱାନ କରିଅଛନ୍ତି, ତାହାଙ୍କ ବିଷୟକ ଜ୍ଞାନ ଦ୍ୱାରା ତାହାଙ୍କ ଐଶ୍ୱରିକ ଶକ୍ତି ଆମ୍ଭମାନଙ୍କୁ ଜୀବନ ଓ ଧର୍ମପରାୟଣତା ନିମନ୍ତେ ସମସ୍ତ ଆବଶ୍ୟକୀୟ ବିଷୟ ଦାନ କରିଅଛି, ତଦ୍ୱାରା ସେ ଆମ୍ଭମାନଙ୍କୁ ବହୁମୂଲ୍ୟ ଓ ଅତି ମହତ୍ ପ୍ରତିଜ୍ଞାମାନ ଦାନ କରିଅଛନ୍ତି, ଯେପରି ସେହିସବୁ ଦ୍ୱାରା ତୁମ୍ଭେମାନେ କୁଅଭିଳାଷରୁ ଜାତ ଯେଉଁ ବିନାଶ ଜଗତରେ ଅଛି, ସେଥିରୁ ରକ୍ଷା ପାଇ ଐଶ୍ୱରିକ ସ୍ୱଭାବର ସହଭାଗୀ ହୁଅ ।'' (୧ମ ପିତର ୧:୩-୪)

ଈଶ୍ୱର ପ୍ରତିଜ୍ଞାମାନ (୧) ଅତି ମହତ୍ (୨) ବହୁମୂଲ୍ୟ (୩) ମୁଖ୍ୟ (୪) ଜୀବନ୍ତ (୫) ଶକ୍ତିବନ୍ତ (୬) ଭରସାଯୁକ୍ତ । ଅବ୍ରାହମ 'ଈଶ୍ୱର ଯାହା ପ୍ରତିଜ୍ଞା କରିଅଛନ୍ତି, ତାହା ସାଧନ କରିବା ନିମନ୍ତେ ମଧ୍ୟ ସେ ଯେ ସକ୍ଷମ, ଏହା ଦୃଢ଼ ରୂପେ ଜାଣି ତାହାଙ୍କୁ

ଗୌରବ ଦେଇ ବିଶ୍ୱାସରେ ବଳିଦାନ ଦେଲେ ।' ଆମ୍ଭେମାନେ ତାହାଙ୍କ ସନ୍ତାନ ରୂପେ ପରଗଣିତ ହେବା ନିମନ୍ତେ ତାହାଙ୍କ ଆଦର୍ଶ ଅନୁଗମନ କରୁ ।

ଏବ୍ରୀ ପୁସ୍ତକକର୍ତ୍ତା ଯୀଶୁଙ୍କ ବିଷୟରେ କହନ୍ତି, ''ପୁତ୍ର ହେଲେ ହେଁ ଦୁଃଖ ଭୋଗ ଦ୍ୱାରା ଆଜ୍ଞାବହତା ଶିକ୍ଷା କଲେ । ପୁଣି ସିଦ୍ଧ ହୋଇ ନିଜ ଆଜ୍ଞାକାରୀମାନଙ୍କ ପ୍ରତି ଅନନ୍ତ ପରିତ୍ରାଣର କାରଣ ସ୍ୱରୂପ ହେଲେ ।'' (ଏବ୍ରୀ ୫:୮-୯) । ''ଯେ ହଜିଥିଲା, ଆମ୍ଭେ ତାହାର ଅନ୍ୱେଷଣ କରିବା ଓ ଯେ ତାଡ଼ିତ ହୋଇଥିଲା, ତାହାକୁ ପୁନର୍ବାର ଆଣିବା, ପୁଣି ଭଗ୍ନାଙ୍ଗର କ୍ଷତ ବାନ୍ଧିବା ଓ ପୀଡ଼ିତକୁ ସବଳ କରିବା, ଆଉ ହୃଷ୍ଟପୁଷ୍ଟ ଓ ବଳବାନକୁ ସଂହାର କରିବା ।'' (ଯିହିଜିକଲ ୩୪:୧୬) । ଯୀଶୁଖ୍ରୀଷ୍ଟଙ୍କ ସଦୃଶ୍ୟ ଆମ୍ଭେମାନେ ନମ୍ରଭାବେ ପରମେଶ୍ୱରଙ୍କ ବାକ୍ୟର ଆଜ୍ଞାବହ ହେଲେ ତାହାଙ୍କ ଏହି ଅଟଳ ପ୍ରତିଜ୍ଞାର ସହଭାଗୀ ହୋଇପାରିବା । ସିଦ୍ଧ ଓ ସରଳ ହୃଦୟରେ ସ୍ୱର୍ଗରାଜ୍ୟର ଅନୁସନ୍ଧାନକାରୀ ପ୍ରତ୍ୟେକେ ତାହାର ସନ୍ଧାନ ପାଇବେ ।

ପ୍ରତ୍ୟେକ ମନୁଷ୍ୟ ବିଶ୍ୱସ୍ତ ଓ ଧାର୍ମିକ ଖ୍ରୀଷ୍ଟିୟାନ ଜୀବନଯାପନ କରିବା ଆବଶ୍ୟକ କାରଣ, ''ମନୁଷ୍ୟମାନଙ୍କ ନିମନ୍ତେ ଯେପରି ଥରେ ମାତ୍ର ମୃତ୍ୟୁ, ଆଉ, ତାହାପରେ ବିଚାର ନିରୂପିତ ଅଛି ... ...।'' (ଏବ୍ରୀ ୯:୨୭-୨୮) । ଗୀତ ସଂହିତାରେ ଲିଖିତ ମୋଶାଙ୍କ ପ୍ରାର୍ଥନାରେ ଲେଖାଯାଏ, ''ଆମ୍ଭମାନଙ୍କ ଆୟୁର ପରିମାଣ ସତୁରୀ ବର୍ଷ, ଅଧିକ ବଳ ସକାଶୁ ଅଶୀ ହୁଏ, ତଥାପି ତହିଁର ଗର୍ବ ଓ ପରିଶ୍ରମ ଦୁଃଖ ମାତ୍ର । କାରଣ ତାହା ଶୀଘ୍ର ବହିଯାଏ ଓ ଆମ୍ଭେମାନେ ଉଡ଼ିଯାଉ ।'' (ଗୀତ ୯୦:୧୦)

ପିତା ପରମେଶ୍ୱରଙ୍କ ବହୁମୂଲ୍ୟ ଓ ଅତି ମହତ୍ ପ୍ରତିଜ୍ଞାମାନ ଆମ୍ଭେ ତାହାଙ୍କ ଅଦ୍ୱିତୀୟ ପୁତ୍ରଙ୍କ ଠାରେ ବିଶ୍ୱାସ କରି ବାପ୍ତିଜିତ ହେବା ଦ୍ୱାରା ପ୍ରାପ୍ତ ହୋଇଥାଉଁ । ଅବିଶ୍ୱସ୍ତ ଓ ଅନାଜ୍ଞାବହମାନଙ୍କ ନିମନ୍ତେ ଈଶ୍ୱରଙ୍କ ବାକ୍ୟ କୌଣସି ଆଶୀଷ ପ୍ରତୀକ୍ଷା କରେ ନାହିଁ, ସେମାନଙ୍କ ଶେଷ ଗତି ନରକ । ଆପଣ କି ପରମେଶ୍ୱରଙ୍କ ବହୁମୂଲ୍ୟ ଓ ଅତି ମହତ୍ ପ୍ରତିଜ୍ଞାମାନର ସହଭାଗୀ ହେବା ଇଚ୍ଛୁକ ? ତାହା ହେଲେ ଆଜ୍ଞାପାଳନ କର (୨ ପିତର ୧:୩, ମାର୍କ ୧୬:୧୫-୧୬)

**-Charles Box**

**Edited & Published by : Kabita & Joshua Gootam**

# INTRODUCTION TO THE RESURRECTION OF JESUS CHRIST

**I. The resurrection of Jesus Christ from the grave, never to return thereto, is a critical aspect of Christianity.**

**II. Had Jesus Christ not resurrected from the grave, there would have been absolutely no hope for sin-laden, lost humanity!**

A. Though Jesus Christ was the Son of God, without his resurrection human hopes would have been forever dashed.

B. Though Jesus Christ was the long prophesied Savior or Messiah, without his resurrection he could have saved no one.

C. Though Jesus Christ Shed his precious blood on Calvary's cross, without the resurrection its purchase price would have been ineffective.

D. Though Jesus Christ had fulfilled all other prophecies, without the resurrection all of that would have been meaningless.

E. Though multitudes of souls under Patriarchy and Judaism faithfully obeyed God, without the resurrection of Jesus Christ none of that would have gotten anyone closer to an eternity in heaven with God.

F. All would be vanity without the resurrection of Jesus Christ!

**III. The church could not have been established without the resurrection of Jesus Christ.**

**IV. The resurrection of Jesus Christ was the ultimate climax of his mission to seek and save the lost, Luke 19:10**

A. Unlike others who had been resurrected from the dead, Jesus Christ did not die again.

B. Other men's works cease at death, but not so with Jesus Chris whose work included his own resurrection from the grave.

C. The resurrection of Jesus Christ is the mortal or deathblow to Satan and the assurance that we will be resurrected from the grave someday.

**V. Failure to resurrect from the grave would have disproved Jesus of Nazareth to be the Messiah and the Son of God.**

**VI. Simply put, without the resurrection of Jesus Christ, there would be no Christianity!**

**- Louis Rushmore**

***Printed Book Only***

From :

**SATYA VANI**
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)